OFFICE OF THE TAHASILDAR, UMEKROTE
DISTRICT: NABARANGPUR (ODISHA)

ତହସିଲ କାର୍ଯ୍ୟାଳୟ, ଉମରକୋଟ
ଜିଲ୍ଲା-ନବରଙ୍ଗପୁର (ଓଡିଶା)

At/PO-Umerkote, Pin-764073, Phone-06866-270244
Mail: ukt.tahasildar@gmail.com, tah.ukt@nic.in

ବିଜ୍ଞାପନ ସଂଖ୍ୟା- ୨୧୨୭ ତାରିଖ-୦୫.୦୮.୨୦୨୦

## ଲଘୁ ଖଣିଜ ଉତ୍ସର ଦୀର୍ଘ ମିଆଦୀ ଲିଜ୍ ନିମନ୍ତେ ଇସ୍ତାହାର

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଓଡିଶା ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଅଧିନସ୍ଥ ଉମରକୋଟ ତହସିଲ ଅନ୍ତର୍ଗତ Annexure-1 ରେ ଉଲ୍ଲେଖିତ 3 ଗୋଟି ଲଘୁ ଖଣିଜ ଉତ୍ସର ପୁନର୍ବାର ଏବଂ 1 ଗୋଟି ଲଘୁ ଖଣିଜ ଉତ୍ସର ନୂତନ ଭାବେ ଦୀର୍ଘ ମିଆଦୀ ଲିଜ୍ ନିମନ୍ତେ ଦରଖାସ୍ତ ଆହ୍ୱାନ କରାଯାଉଅଛି । ଇଚ୍ଛୁକ ବ୍ୟକ୍ତି ବିଶେଷ OMMC Rules 2016 ଅନୁଯାୟୀ Form-M ପୂରଣ କରି ଏହାର 3 କିତା ନକଲ ସହ ନିମ୍ନ ଲିଖିତ ଆବଶ୍ୟକୀୟ ଦସ୍ତାବିଜ୍ ସଂଲଗ୍ନ କରି ଜଉମୁଦ ଲଫାଫାରେ ରେଜିଷ୍ଟ୍ରି/ସ୍ପୀଡ୍ ପୋଷ୍ଟ ଜରିଆରେ ତହସିଲଦାର, ଉମରକୋଟ ଠିକଣାରେ କିମ୍ବା ତହସିଲ କାର୍ଯ୍ୟାଳୟରେ ଥିବା ଡ୍ରପ୍ ବୋକ୍ସରେ ଆସନ୍ତା ତା- 05/08 /2020 ରୁ 21 / 08 / 2020 ରିଖ ଅପରାହ୍ନ 5 ଘଣ୍ଟିକା ପର୍ଯ୍ୟନ୍ତ ଦାଖଲ କରବା ହେବେ(ଛୁଟି ଦିନ ବ୍ୟତୀତ) । ଲଫାଫା ଉପରେ ସଇରାତ ଉତ୍ସର ନାମ ଥିବା ଆବଶ୍ୟକ । ଉପରୋକ୍ତ ଧାର୍ଯ୍ୟ ସମୟ ପରେ କୌଣସି ଦରଖାସ୍ତ ଗ୍ରହଣ କରାଯିବ ନାହିଁ । ଏହି ସମସ୍ତ ଦରଖାସ୍ତ ଗୁଡିକ ତା- 24 / 08 / 2020 ରିଖ ଦିବା 11 ଘଣ୍ଟିକା ସମୟରେ ତହସିଲ କାର୍ଯ୍ୟାଳୟରେ ଜଉମୁଦ୍ ଲଫାଫା ଖୋଲାଯାଇ ଚୟନ ପ୍ରକ୍ରିୟା ଆରମ୍ଭ କରାଯିବ । ଦରଖାସ୍ତକାରୀ ଚାହିଁଲେ ଉକ୍ତ ଚୟନ ପ୍ରକ୍ରିୟାରେ ନିଜେ କିମ୍ବା ତାଙ୍କ ପ୍ରତିନିଧି ଉପସ୍ଥିତ ରହି ଚୟନ ପ୍ରକ୍ରିୟାରେ ଭାଗ ନେଇ ପାରିବେ । ତନଖି ସମୟରେ ଅସମ୍ପୂର୍ଣ୍ଣ ଦରଖାସ୍ତ ଗୁଡିକୁ ଖାରଜ କରାଯିବ । ଧାର୍ଯ୍ୟ ତାରିଖ ଓ ସମୟରେ କେହି ଅନୁପସ୍ଥିତ ରହିଲେ ନିଲାମ କାର୍ଯ୍ୟ ଅଟକିବ ନାହିଁ । ଉପରୋକ୍ତ ଦିନ କୌଣସି କାରଣରୁ ନିଲାମ କାର୍ଯ୍ୟ ହୋଇ ନ ପାରିଲେ ପରବର୍ତ୍ତୀ ନିଲାମ ତାରିଖ- 25 / 08 / 2020 ଦିବା 11 ଘଣ୍ଟିକା ସମୟରେ ଅନୁଷ୍ଠିତ ହେବ । ଯଦି ପ୍ରଥମ ଧାର୍ଯ୍ୟ ତାରିଖ ସମୟରେ କୌଣସି ଉତ୍ସ ପାଇଁ ଦରଖାସ୍ତ ପ୍ରାପ୍ତ ହୋଇ ନଥାଏ କିମ୍ବା ସମସ୍ତ ଦରଖାସ୍ତକାରୀ ଲିଜ୍ ପାଇଁ ଅଯୋଗ୍ୟ ବିବେଚିତ ହୁଅନ୍ତି, ତା'ହେଲେ ଦ୍ୱିତୀୟ ଥର ପାଇଁ ତା-29 / 08 / 2020, ତୃତୀୟ ଥର ପାଇଁ ତା- 04 / 09 / 2020 ରିଖ ଅପରାହ୍ନ 3 ଘଣ୍ଟିକା ପର୍ଯ୍ୟନ୍ତ ଇଚ୍ଛୁକ ବ୍ୟକ୍ତି ନିଲାମ କାର୍ଯ୍ୟରେ ଭାଗ ନେବା ପାଇଁ ଦରଖାସ୍ତ ଦାଖଲ କରି ପାରିବେ । ଉକ୍ତ ଦରଖାସ୍ତ ଗୁଡିକ ସେହି ଦିନ ମାନଙ୍କରେ ଅପରାହ୍ନ 4 ଘଣ୍ଟିକା ସମୟରେ ଖୋଲାଯାଇ ଚୟନ ପ୍ରକ୍ରିୟା ଆରମ୍ଭ କରାଯିବ । କୌଣସି କାରଣ ନ ଦର୍ଶାଇ ନିଲାମକୁ ସ୍ଥଗିତ/ରଦ୍ଦ କରିବା କ୍ଷମତା ପ୍ରାପ୍ତ ଅଧିକାରୀ ଓ ଜିଲ୍ଲାପାଳ, ନବରଙ୍ଗପୁରଙ୍କ ରହିଅଛି ।

ତହସିଲଦାର, ଉମରକୋଟ
TAHASILDAR, UMERKOTE

Scanned with CamScanner

**ସର୍ତ୍ତାବଳୀ :-**

1. ଦରଖାସ୍ତ ଦେବା ପୂର୍ବରୁ ଆବେଦନକାରୀ ସଇରାତ ଉତ୍ସଗୁଡିକୁ ପରିଦର୍ଶନ କରି ସଇରାତ ପରିଚାଳନା ପାଇଁ ଗମନାଗମନର ସୁବିଧା ଗଚ୍ଛିତ ଥିବା ଲଘୁ ଖଣିଜ ପଦାର୍ଥ ଆଦି ପର୍ଯ୍ୟବେକ୍ଷଣ କରି ଦରଖାସ୍ତ କରିବା ହେବେ ।

2. ଆବେଦନକାରୀ ଓଡିଶା ଲଘୁ ଖଣିଜ ନିୟମାବଳୀ 2016 ର ପରିସରଭୁକ୍ତ ହେବେ ।

3. ପ୍ରଚଳିତ ନିୟମାବଳୀ ଅନୁଯାୟୀ ଅତିରିକ୍ତ ଦେୟ ବାବଦକୁ ସର୍ବୋଚ୍ଚ ମୂଲ୍ୟ ଦରଜ କରିଥିବା ନିଲାମଧାରୀଙ୍କୁ ଲିଜ୍ ପ୍ରଦାନ କରାଯିବ । ଯଦି ଏକରୁ ଅଧିକ ନିଲାମଧାରୀ ସମାନ ସର୍ବୋଚ୍ଚ ମୂଲ୍ୟ ଦରଜ କରିଥା'ନ୍ତି, ତା'ହେଲେ ଲୋଟେରୀ ମାଧମରେ ଲିଜ୍ ପ୍ରଦାନ କରାଯିବ ।

4. ସ୍ଥିରୀକୃତ ହୋଇଥିବା MGQ ଲଘୁ ଖଣିଜ ଦ୍ରବ୍ୟର ବାର୍ଷିକ ପରିମାଣ ସହିତ ଲିଜଧାରୀଙ୍କଦ୍ୱାରା ପ୍ରଦାନ କରାଯାଇଥିବା ସର୍ବୋଚ୍ଚ ଅତିରିକ୍ତ ଦେୟ (Additional Charge) ରୟାଲଟି ପଥର ନିମନ୍ତେ @Rs. 130.00 ଓ ବାଲି ନିମନ୍ତେ @Rs. 30.00 ଏବଂ Contribution Payable to DMF per CM ଗୁଣନ କରି ସମ୍ପୃକ୍ତ ରାଶିର 25% ରୁ ପୂର୍ବରୁ ଦାଖଲ କରିଥିବା ବଇନା ରାଶି (Earnest Money) କୁ ବାଦ ଦେଇ ଏକତ୍ର କରି ଅମାନତ ରାଶି(Security Deposit) ଭାବରେ ଦାଖଲ କରିବେ ଏହି ରାଶି ବିନା ସୁଧ(Interest free) ରେ ରଖାଯିବ ।

5. ସର୍ବୋଚ୍ଚ ନିଲାମଧାରୀ ଉତ୍ସ ପାଇଁ ପୂର୍ବରୁ ପ୍ରସ୍ତୁତ ହୋଇଥିବା Mining Plan ବାବଦର ମୂଲ୍ୟ ପୈଠ କରିବାକୁ ହେବ । ପୁନଶ୍ଚ ନିଜ ଖର୍ଚ୍ଚରେ ନିର୍ଦ୍ଦିଷ୍ଟ ସମୟ ସୀମା ମଧରେ ପରିବେଶ ମଞ୍ଜୁରୀ (Environmental Clearance) ସମ୍ପୃକ୍ତ ଅଧିକାରୀଙ୍କ ଠାରୁ ହାସଲ କରିବେ ।

6. ଯଦି ସର୍ବୋଚ୍ଚ Additional Charge ବା ଅତିରିକ୍ତ ଦେୟ ମୂଲ୍ୟାଙ୍କ କରିଥିବା ଆବେଦନକାରୀ ନିର୍ଦ୍ଧାରିତ ସମସ୍ତ ଦେୟ ପୈଠ ନ କରନ୍ତି ବା ଖିଲାପ କରନ୍ତି ତା ହେଲେ ଦ୍ୱିତୀୟ ସର୍ବାଧିକ ମୂଲ୍ୟାଙ୍କ କରିଥିବା ନିଲାମଧାରୀଙ୍କୁ ସୁଯୋଗ ଦିଆଯିବ ।

7. ଯଦି ଦ୍ୱିତୀୟ ସର୍ବୋଚ୍ଚ ଅତିରିକ୍ତ ଦେୟ ମୂଲ୍ୟାଙ୍କ କରିଥିବା ଆବେଦନକାରୀଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ଅର୍ଥ ରାଶି ପ୍ରଥମ ସର୍ବୋଚ୍ଚ ମୂଲ୍ୟାଙ୍କ କରିଥିବା ଆବେଦନକାରୀଙ୍କ ଅର୍ଥରାଶି ଠାରୁ ଅତି କମ୍ ହୋଇଥାଏ ତେବେ ଲିଜ୍ ପ୍ରକ୍ରିୟାକୁ ରଦ୍ଦ କରାଯାଇ (Controlling Authority) ଙ୍କ ଅନୁମତି କ୍ରମେ ନୂତନରୂପେ ନିଲାମ କରାଯିବ ।

8. ଯଦି ଦରଖାସ୍ତକାରୀ ଧାର୍ଯ୍ୟ ମୂଲ୍ୟଠାରୁ କମ୍ ଉଲ୍ଲେଖ କରିଥାନ୍ତି ତଥା ବିଜ୍ଞାପନ ଅନୁଯାୟୀ ଆବଶ୍ୟକ ଦସ୍ତାବିଜ୍ ଦାଖଲ କରି ନଥାନ୍ତି ତେବେ ଦରଖାସ୍ତକୁ ବିଚାରକୁ ନିଆଯିବ ନାହିଁ ।

9. ନିଲାମଧାରୀ OMMC Rule 2016 ର ନିୟମ -33(1-29)ର ସମସ୍ତ ସର୍ତ୍ତାବଳୀ ମାନିବା ପାଇଁ ବାଧ ହେବେ ।

10. ନିଲାମଧାରୀ ଲଘୁ ଖଣିଜଦ୍ରବ୍ୟର ଉତ୍ତୋଳନ କୌଣସି ଯାନ୍ତ୍ରିକ ଉପାୟରେ କରିବେ ନାହିଁ ତଥା କୌଣସି ଭାରୀଯାନ ଯେପରିକି ହାଇୱା ଇତ୍ୟାଦି ନଦୀବନ୍ଧ ଉପରେ ଚଳାଇବେ ନାହିଁ ।

11. ନିଲାମଧାରୀ ଉତ୍ପାଦିତ ଲଘୁ ଖଣିଜଦ୍ରବ୍ୟକୁ କ୍ଷମତାପ୍ରାପ୍ତ ଅଧିକାରୀଙ୍କ ବିନା ଅନୁମତିରେ ରାଜ୍ୟ ବାହାରକୁ ଚାଲାଣ କରିପାରିବେ ନାହିଁ ।

TAHASILDAR, UMERKOTE

Scanned with CamScanner

12. ଲିଜଧାରୀ Mines Act 1957 ଏବଂ Explosive Act 1984 ର ସମସ୍ତ ନିୟମ ଓ ସର୍ତ୍ତାବଳୀର ଅନ୍ତର୍ଭୁକ୍ତ ରହିବେ ।

13. ସର୍ବୋଚ୍ଚ ନିଲାମଧାରୀ ବାଲି ଓ ପଥର ଉତ୍ସ ପରିଚାଳନା ନିମନ୍ତେ ଆବଶ୍ୟକୀୟ ମଞ୍ଜୁରୀ (Consent to establish & consent to operate) ଓଡିଶା ପ୍ରଦୂଷଣ ବୋର୍ଡରୁ (Orissa Pollution Control Board) ନିଜ ଖର୍ଚ୍ଚରେ ପ୍ରାପ୍ତ କରିବେ ।

14. ସର୍ବୋଚ୍ଚ ନିଲାମଧାରୀ ସମସ୍ତ ଦେୟ ଜମା କରିବା ପରେ ଫାରମ ଏନ୍(Form N) ରେ ଚୁକ୍ତି ପତ୍ର ସ୍ୱାକ୍ଷର କରିବା ସହ ନିଜ ଖର୍ଚ୍ଚରେ ଏହାକୁ (ରେଜିଷ୍ଟ୍ରେସନ୍ ଆକ୍ଟ-1908 ଏ ଷ୍ଟାମ୍ପ ଆକ୍ଟ-1899 ଅନୁଯାୟୀ) ସମ୍ପାଦନ କରିବେ ଏବଂ ପରବର୍ତ୍ତୀ ବର୍ଷଗୁଡିକୁ ପାଇଁ ପ୍ରତ୍ୟେକ ବର୍ଷ ଜାନୁୟାରୀ ମାସ 15 ତାରିଖ ପୂର୍ବରୁ ପଇଠ କରିବା ହେବେ ।

15. ଲିଜଧାରୀ ଦାଖଲ କରୁଥିବା ସମସ୍ତ ଦେୟ ଯଥା ରୟାଲଟି ଓ ଅନ୍ୟାନ୍ୟ ଦେୟର 2% ଆୟକର (TCS) ବାବଦକୁ ଜମା କରିବେ ଏବଂ ବିଜ୍ଞାପନ ଖର୍ଚ୍ଚ ମଧ ବହନ କରିବେ ।

16. ସୂଚନାଫଳକ(Display Board) ତିଆରି କରି ସେଥିରେ ସୈରାତ ଉତ୍ସର ନାମ ତଥା ମଞ୍ଜୁର ହେଇଥିବା ଆର୍ଥିକ ବର୍ଷ ଏବଂ ଅନ୍ୟାନ୍ୟ ସୂଚନା ଉଲ୍ଲେଖ କରିବେ । ଏସବୁ କାର୍ଯ୍ୟ ସମ୍ପାଦନ ପାଇଁ ଖର୍ଚ୍ଚ ଲିଜଧାରୀ ବହନ କରିବେ ।

17. ଉପରୋକ୍ତ ସମସ୍ତ ସର୍ତ୍ତାବଳୀ ପୂରଣ ହେଲା ପରେ କାର୍ଯ୍ୟାଦେଶ ଦିଆଯିବ । କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଠାରୁ କାର୍ଯ୍ୟାଦେଶ ନ ମିଳିବା ପର୍ଯ୍ୟନ୍ତ ଲିଜଧାରୀ ସୈରାତ ଉତ୍ସରୁ ବାଲି ଓ ପଥର ଉତ୍ସ ଉଠାଇପାରିବେ ନାହିଁ ।

18. ନିଲାମ ଦରଖାସ୍ତକାରୀମାନେ ତଥା ଲିଜ ଗ୍ରହିତା ଓଡିଶା ଲଘୁ ଖଣିଜ ନିୟମ 2016 ଏବଂତତସଂଲ୍ଗ୍ନ ସମସ୍ତ ସରକାରୀ ଓ ଅଦାଲତ ଆଦେଶ ମାନିବାକୁ ବାଧ ହେବେ ।

19. ଯଦି ଉକ୍ତ ନିଲାମ ଇସ୍ତାହାରେ କୌଣସି ତୃଟି ପରିଲକ୍ଷିତ ହୁଏ ତେବେ ତାହା ସଂଶୋଧନ କରିବାର ଅଧିକାର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ରହିଛି ଏବଂ କ୍ଷମତା ପ୍ରାପ୍ତ ଅଧିକାରୀ କୌଣସି କାରଣ ନ ଦର୍ଶାଇ ଉପରୋକ୍ତ ଲିଜ ବାତିଲ ବା ସ୍ଥଗିତ କରିପାରିବେ ।

(signature) ୪/୮/୨୦୨୦

ତହସିଲଦାର, ଉମରକୋଟ

ଜ୍ଞାପକ ସଂଖ୍ୟା- ୨୧୨୪ ତାରିଖ- ୦୪.୦୮.୨୦୨୦

ଏହାର ନକଲ ସର୍ବସାଧାରଣଙ୍କ ଅବଗତ ନିମନ୍ତେ ଏହି କାର୍ଯ୍ୟାଳୟର ବିଜ୍ଞାପନ ଫଳକରେ ଏବଂ ସମ୍ପୃକ୍ତ ଗ୍ରାମର ଛକ ଜାଗାରେ ଟଙ୍ଗାଇ ଦିଆଗଲା ।

ଏହାର ନକଲ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଉମରକୋଟଙ୍କ ନୋଟିସ୍ ବୋର୍ଡ଼ / ନିର୍ବାହୀ ଅଧିକାରୀ, ପୌରପରିଷଦ, ଉମରକୋଟଙ୍କ ନୋଟିସ୍ ବୋର୍ଡ଼ / ସମସ୍ତ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟର ନୋଟିସ୍ ବୋର୍ଡ଼ ଜନସାଧାରଣଙ୍କ ଅବଗତି ନିମନ୍ତେ ଟଙ୍ଗାଇବା ନିମନ୍ତେ ସମ୍ପୃକ୍ତ ଅଧିକାରୀଙ୍କ ନିକଟକୁ ପ୍ରେରଣ କରାଗଲା ।

ଏହାର ନକଲ ଓ ଫାରମ-ଏମ୍(Form-M) ର ନକଲ ଜିଲ୍ଲାପାଳ, ନବରଙ୍ଗପୁର / ଅତିରିକ୍ତ ଜିଲ୍ଲାପାଳ, ନବରଙ୍ଗପୁର / ଉପ-ଜିଲ୍ଲାପାଳ, ନବରଙ୍ଗପୁର ଅବଗତି ନିମନ୍ତେ ପ୍ରେରଣ କରାଗଲା ।

(signature) ୪/୮/୨୦୨୦

ତହସିଲଦାର, ଉମରକୋଟ

TAHASILDAR, UMERKOTE

Scanned with CamScanner

# ଦରଖାସ୍ତସହ ଦାଖଲ କରିବାକୁ ଥିବା ଦସ୍ତାବିଜ୍

1. ଦରଖାସ୍ତ ପାଉଣା ବାବଦକୁ ଟ. 1000 ଙ୍କା (ଏକ ହଜାର ଟଙ୍କା) ର ଟ୍ରେଜେରୀ ଚାଲାଣ ସଂଲଗ୍ନ କରିବେ (Head of account 0853-Non-ferrous Mining and Metallurgical Industries-102 Mining Concession fee, Rents and Royalties).
2. ଦରଖାସ୍ତ କରୁଥିବା ଲଘୁ ଖଣିଜ ଉତ୍ସର ସଂପୂର୍ଣ୍ଣ ବିବରଣୀ ଏହି ବିଜ୍ଞାପନରେ ଥିବା ଉତ୍ସର ନାମ, ଖାତା ନଂ, ପ୍ଲଟ ନଂ, ରକବା ଏବଂ କିସମର ସଠିକ ତଥ୍ୟ ଲେଖିବା ବିଧେୟ ।
3. ଆବେଦନକାରୀଙ୍କ କୌଣସି ଖଣିଜ ଦେୟ ବକେୟା ନଥିବା ନେଇ ଏକ ସତ୍ୟ ପାଠ ଦେବେ ।
4. ଦରଖାସ୍ତକାରୀ Annexure-I ରେ ସ୍ତମ୍ଭ 12 ରେ ଦର୍ଶିତା ମୂଲ୍ୟ ବା ତଦୁର୍ଦ୍ଧ ମୂଲ୍ୟର Bank Guarantee ଯାହାର ଅବଧି ପରବର୍ତ୍ତୀ 18 ମାସ ପର୍ଯ୍ୟନ୍ତ ଥିବ ତାହା ଦାଖଲ କରିବେ ।
5. ଆବେଦନକାରୀ Royalty ଓ ଅତିରିକ୍ତ ଦେୟ(Additional Charge) ବାବଦକୁ ବାର୍ଷିକ ଶତକଡା 5% ହାରରେ ସ୍ଥିରୀକୃତ ହୋଇଥିବା ବାଲି ଓ ପଥର ପରିମାଣ ଉପରେ ଦେୟ ଅମାନତ ରାଶି (Earnest Money) Demand Draft ଆକାରରେ Tahasildar, Umerkote and Payable at SBI, Main Branch, Umerkote ଙ୍କ ନାମେ ପ୍ରସ୍ତୁତ କରି ଦରଖାସ୍ତ ଫୋରମ ସହିତ ସଂଲଗ୍ନ କରିବେ ।
6. ଆବେଦନକାରୀ Solvency Certificate ପରିବର୍ତ୍ତେ bank Guarantee ସମ୍ପୃକ୍ତ ଖଣିର ବାର୍ଷିକ ଉତ୍ତୋଳନ ହେବାକୁ ଥିବା ମୋଟ "MGQ X (Royalty Additional Charge Offered)" ସମାନ ଅର୍ଥ ପରିମାଣରେ Bank Guarantee ତହସିଲଦାର, ଉମରକୋଟଙ୍କ ସପକ୍ଷରେ ଦାଖଲ କରିବେ ।
7. ନିଲାମଧାରୀ (Successful Bidder), Mining Plan and Environmental Clearance ବାବଦକୁ ଦେୟ ପଇଠ କରିବାକୁ ହେବ ।

ଯଦି ଉକ୍ତ ଇସ୍ତାହାରରେ କୌଣସି ତ୍ରୁଟି ପରିଲକ୍ଷିତ ହୁଏ ତେବେ ତାହା ସଂଶୋଧନ କରିବାର କ୍ଷମତା ପ୍ରାପ୍ତ ଅଧିକାରୀଙ୍କ ରହିଛି । ସଇରାତ ଉତ୍ସ ଓ ନିଲାମ ସମ୍ବନ୍ଧୀୟ ସମସ୍ତ ସର୍ତ୍ତାବଳୀ ତହସିଲ କାର୍ଯ୍ୟାଳୟ (ଛୁଟି ଦିନ ବ୍ୟତୀତ) ସମସ୍ତ କାର୍ଯ୍ୟ ଦିବସରେ ମିଳି ପାରିବ ଓ ଏହି ସମ୍ବନ୍ଧୀୟ ତଥ୍ୟ ନବରଙ୍ଗପୁର ଜିଲ୍ଲା website- nabarangpur.nic.in ରେ ଉପଲବ୍ଧ ଅଟେ । ଏହା ବ୍ୟତୀତ ଏ ସମ୍ବନ୍ଧୀୟ ସମସ୍ତ ବିବରଣୀ ଓ ଅନ୍ୟାନ୍ୟ ନିୟମାବଳୀ ତହସିଲ କାର୍ଯ୍ୟାଳୟ ନୋଟିସ୍ ବୋର୍ଡ଼ ଓ ସମସ୍ତ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟରୁ ଯେ କୌଣସି କାର୍ଯ୍ୟ ଦିବସରେ ମିଳିପାରିବ ।

ତହସିଲଦାର, ଉମରକୋଟ

TAHASILDAR, UMERKOTE

Scanned with CamScanner

# Annexure-I
## ସଇରାତ ଉତ୍ସର ବିସ୍ତାରିତ ବିବରଣୀ

| କ୍ର. ନଂ. | TMC No. | ମୌଜାର ନାମ | ଖାତା ନଂ. | ପ୍ଲଟ୍ ନଂ | ରକବା ଏକରରେ | କିସମ | ଲଘୁ ଖଣିଜର ନାମ | ଘନମିଟର ପ୍ରତି ରୟାଲଟିର ମୂଲ୍ୟ(ଟଙ୍କାରେ) | ଘନ ମିଟର ପ୍ରତି ସର୍ବନିମ୍ନ ଅତିରିକ୍ତ ମୂଲ୍ୟ(ଟଙ୍କାରେ) | ବାର୍ଷିକ ଉତ୍ତୋଳନ ପରିମାଣ(ଘନ ମିଟରରେ) | Bank Guarantee(in Rs. For addl.Charge of Rs.5.00) | ଅଗ୍ରୀମ ଦାଖଲ କରିବାକୁ ଥିବା ଅମାନତ ରାଶି Earnest Money ପରିମାଣ (ଟଙ୍କାରେ) |
|---|---|---|---|---|---|---|---|---|---|---|---|---|
| 1 | 01/2020 | ବେହେଡା-1 | 45/4 | 424 | 3.00 | ନଦୀ | ବାଲି | 35.00 | 5.00 | 1842 ଘ.ମି. | 73680.00 | 3684.00 |
| 2 | 07/2020 | ଛୋଟାଗୁଡା-1 | 44 | 539 | 5.00 | ପଥରବଣି | ପଥର | 130.00 | 10.00 | 2136 ଘ.ମି. | 299040.00 | 14952.00 |
| 3 | 08/2020 | ଛୋଟାଗୁଡା-2 | 44 | 384 | 5.00 | ପଥରବଣି | ପଥର | 130.00 | 10.00 | 2280 ଘ.ମି. | 319200.00 | 15960.00 |
| 4 | 03/2020 | sanabasini | 37 | 250 | 6.50 | ନଦୀ | ବାଲି | 35.00 | 5.00 | 775 ଘ.ମି | 31000.00 | 1550.00 |

ତହସିଲଦାର, ଉମରକୋଟ
TAHASILDAR, UMERKOTE

Scanned with CamScanner

OFFICE OF THE TAHASILDAR, UMEKROTE
DISTRICT: NABARANGPUR (ODISHA)
At/PO-Umerkote, Pin-764073, Phone-06866-270244
Mail: ukt.tahasildar@gmail.com, tah.ukt@nic.in

Letter No- 2125 Date- 4.08.2020

To

The District Informatics Officer,
NIC, Nabarangpur.

**Sub: -** **Uploading of Tender Call Notice of Sairat Sources in District NIC Website.**

Sir,

With reference to the subject cited above I am to request you to upload the Tender Call Notice of Sairat Sources in respect of Umerkote Tahasil in District NIC Website for wide publicity.

This is for your information and necessary action.

Yours faithfully,

**Enclosure: - Tender Call Notice.**

4/8/20
Tahasildar, Umerkote
TAHASILDAR, UMERKOTE

Memo No. 2129 Date: 4.08.2020

Copy submitted to Sub-Collector, Nabarangpur for kind information.

Copy submitted to the Additional District Magistrate (Revenue), Nabarangpur for kind information.

4/8/20
Tahasildar, Umarkote
TAHASILDAR, UMERKOTE

Scanned with CamScanner